ଜିଲ୍ଲା : ଭଦ୍ରକ  କେସ୍ ନଂ : ୦୨/୨୦

ପକ୍ଷ : ସ୍ତ୍ରୀ  ଅପରପକ୍ଷ : ଅଧ୍ୟାପକ ସ୍ୱାମୀ

କେସ୍ ପ୍ରକାର : ଭିନ୍ନକ୍ଷମ ପୁତ୍ର ଜନ୍ମ ଦେଇଥିବାରୁ ନିର୍ଯ୍ୟାତନା

ମାଆ ଜୀବନର ସାର୍ଥକତା ଲାଭ କରେ ମାତୃତ୍ୱରେ । ମାତ୍ର ତାର ଭିନ୍ନକ୍ଷମ ପୁଅକୁ ହରାଇ ଅତି ଆକୁଳରେ କ୍ରନ୍ଦନ କଲେ ମହିଳା କମିଶନର ଅଧ୍ୟକ୍ଷାଙ୍କ ପାଖରେ । "ମୋର ସ୍ୱାମୀ ମୋତେ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେବା ସହ ମୋର ଭିନ୍ନକ୍ଷମ ୨୨ ବର୍ଷର ପୁଅକୁ ତାର ବାପା ଭେଣ୍ଟିଲେଟର କାଢ଼ି ମାରିଦେଲେ ।"

ଘଟଣା ଅତ୍ୟନ୍ତ ଦୁଃଖଦାୟକ । ମହିଳାଟି ପ୍ରାୟ ୪/୫ ଘଣ୍ଟା ସମୟ ନେଲେ ତାଙ୍କ ୨୨ ବର୍ଷର ନିର୍ଯ୍ୟାତନା କାହାଣୀ ବଖାଣିବାକୁ । ସ୍ୱାମୀ ଅଧ୍ୟାପକ । ପୁଅଟିଏ ଝିଅଟିଏ । ଶାଶୁ-ଶ୍ୱଶୁର, ସ୍ୱାମୀ-ସ୍ତ୍ରୀ, ପୁଅ-ଝିଅଙ୍କୁ ନେଇ ତାଙ୍କ ପରିବାର । ମହିଳାଟି ବୋହୂ ହିସାବରେ ଘରର ସବୁ କାମ କରନ୍ତି । ଶାଶୁ-ଶ୍ୱଶୁର ପିଲାମାନଙ୍କର ଯତ୍ନ ନିଅନ୍ତି । ମାତ୍ର ସ୍ୱାମୀଙ୍କ ଅଭିଯୋଗ ସ୍ତ୍ରୀ ଭଲ ରୋଷେଇ କରୁନି । ଭିନ୍ନକ୍ଷମ ପୁଅ କିପରି ପାଠ ପଢ଼ିବ ସେଥିରେ ଲାଗୁଛି । + ୩ ପରୀକ୍ଷା ପୁଅ ଦେଇଥିଲା ।

ରେଜଲ୍ଟ ବାହାରିଲା । ଯେତିକି ନମ୍ବର ରଖିବା କଥା ସେଥିରୁ କମିଗଲା ଯାହାଫଳରେ ବାପା ପୁଅକୁ ପିଟାପିଟି କଲେ । ମାଡ ଭୟରେ ପୁଅକୁ ଜ୍ୱର ହେଲା । ମାତ୍ର ବାପା ଭିନ୍ନକ୍ଷମ ପୁଅ ପାଇଁ ପଇସା ଖର୍ଚ୍ଚ କରିବା ପାଇଁ ରାଜି ନଥିଲେ । ହେଲେ ମାଆ ମନ ବୁଝିଲା ନାହିଁ । ସେ ତା'ର ଭାଇଠାରୁ ପଇସା ଆଣି ପୁଅକୁ ଡାକ୍ତରଖାନା ନେଲା । ପୁଅର ସ୍ୱାସ୍ଥ୍ୟ ଅବସ୍ଥାରେ ଅବନ୍ନତି ଘଟିଲା, ଭେଣ୍ଟିଲେଟର ଲାଗିଲା । ବାପା ଏକଥା ଶୁଣି ଡାକ୍ତରଖାନାକୁ ଗଲେ । ସ୍ତ୍ରୀ ପୁଅ ସହିତ ରାତିରେ ରହିଲେ । ନିର୍ଜନ ରାତିରେ ବାପା, ପୁଅର ଭେଣ୍ଟିଲେଟର କାଢ଼ିଦେଲେ ଏବଂ ମାଆର ମୁହଁକୁ ଚାପିଧରିଲେ । ପୁଅ ଛଟପଟ ହୋଇ ମୃତ୍ୟୁବରଣ କଲା ବୋଲି ମାଆ ଅଭିଯୋଗ କରନ୍ତି । ସେ ଆଉ ସ୍ୱାମୀଙ୍କ ପାଖକୁ ଫେରିବେ ନାହିଁ । ତାଙ୍କ ଝିଅକୁ ଆଣି ଦିଅନ୍ତୁ ଏବଂ ସ୍ୱାମୀ ଦଣ୍ଡ ପାଆନ୍ତୁ ବୋଲି ଦାବି କଲେ ।

ଏସବୁ ଘଟଣା ଶୁଣିଲା ପରେ ସ୍ୱାମୀଙ୍କୁ ଡକାଗଲା । ଉଭୟ ପକ୍ଷଙ୍କୁ ଶୁଣିଲା ପରେ ଏ ଘଟଣାର ସତ୍ୟତା ପାଇଁ ଆରକ୍ଷୀ ଅଧିକ୍ଷକଙ୍କୁ ଚିଠି ଲେଖାଗଲା ତଦନ୍ତ କରିବା ପାଇଁ । ସ୍ୱାମୀ, ପୁଅକୁ ମାରିବା ଘଟଣା ମିଥ୍ୟା ବୋଲି କହିବା ସହିତ ସ୍ତ୍ରୀଙ୍କୁ ଫେରାଇ ନେବା ପାଇଁ ଅନୁନୟ ବିନୟ କଲେ ।

ମାତ୍ର ସ୍ତ୍ରୀ ନ ଯିବା ପାଇଁ ସ୍ଥିର କଲେ । ଝିଅକୁ ଫେରାଇ ଆଣିବା ପାଇଁ ଉଡଉ ରେ ଅଭିଯୋଗ କରିବା ପାଇଁ ପରାମର୍ଶ ଦିଆଗଲା । କିନ୍ତୁ ଝିଅ, ପିତା-ମାତାଙ୍କ ସହିତ ରହିବା ପାଇଁ ଜିଦ୍ ଧରିବାରୁ ମାଆ ଝିଅ କଥାରେ ରାଜି ହୋଇ ଘରକୁ ଫେରିବେ ବୋଲି କହିଲେ ।